# ୨୬

# ଭାରତର ବୈଦେଶିକ ନୀତି

ପ୍ରତ୍ୟେକ ସାର୍ବଭୌମ ରାଷ୍ଟ୍ରର ଏକ ବୈଦେଶିକ ନୀତି ଥାଏ । ଭାରତର ମଧ୍ୟ ନିଜସ୍ୱ ବୈଦେଶିକ ନୀତି ଅଛି । ଗୋଟିଏ ଦେଶ ଅନ୍ୟ ଦେଶ ସହ ସଂପର୍କ ସ୍ଥାପନ କରିବା ସମୟରେ ଯେଉଁ ନୀତି, ସ୍ୱାର୍ଥ ତଥା ଲକ୍ଷ୍ୟ ଗୁଡ଼ିକର ସମଷ୍ଟିକୁ ଅଗ୍ରାଧିକାର ଦେଇଥାଏ ତାହାକୁ ବୈଦେଶିକ ନୀତି କୁହାଯାଏ । ଯଦିଓ ବୈଦେଶିକ ନୀତିର କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଲକ୍ଷଣ ରହିଛି, ଏହା ଏକ ସଦା ପରିବର୍ତ୍ତନଶୀଳ ଧାରଣା । ଆନ୍ତର୍ଜାତିକ ପରିସ୍ଥିତିରେ ପରିବର୍ତ୍ତନ ସାଙ୍ଗକୁ ଦେଶମାନଙ୍କର ବୈଦେଶିକ ନୀତିରେ ପରିବର୍ତ୍ତନ ଆସିଥାଏ । ଭାରତର ବୈଦେଶିକ ନୀତି ଏହାର ଇତିହାସ, ସଂସ୍କୃତି, ଭୂଗୋଳ, ଅର୍ଥନୀତି ଇତ୍ୟାଦି ଦ୍ୱାରା ଅନେକାଂଶରେ ପ୍ରଭାବିତ ହୋଇଛି । ଆମ ବୈଦେଶିକ ନୀତିକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେବାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜୱାହାରଲାଲ୍ ନେହୁରୁଙ୍କର ଯଥେଷ୍ଟ ଭୂମିକା ରହିଥିଲା ।

## ଉଦ୍ଦେଶ୍ୟ

ଏହି ଭାଗଟି ପଢ଼ିସାରିଲା ପରେ ଆପଣମାନେ

- ଭାରତର ବୈଦେଶିକ ନୀତିର ମୌଳିକ ନୀତିଗୁଡ଼ିକୁ ଚିହ୍ନଟ କରିପାରିବେ;
- ଗୋଷ୍ଠୀ ନିରପେକ୍ଷର ଅର୍ଥ ଏବଂ ତାତ୍ପର୍ଯ୍ୟକୁ ବାଖ୍ୟା କରିପାରିବେ;
- ଶୀତଳ ଯୁଦ୍ଧର ପରବର୍ତ୍ତୀ ସମୟରେ ଗୋଷ୍ଠୀ ନିରପେକ୍ଷତାର ପ୍ରାସଙ୍ଗିକତାକୁ ବିଶ୍ଳେଷଣ କରିପାରିବେ;
- ଶୀଳତ ଯୁଦ୍ଧ ର ପରବର୍ତ୍ତୀ ସମୟର ଭାରତର ବୈଦେଶିକ ନୀତିର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକୁ ବ୍ୟାଖା କରିପାରିବେ;
- ଶାନ୍ତି ଓ ନିରସ୍ତ୍ରୀକରଣ ଦିଗରେ ମିଳିତ ଜାତିସଂଘର ଉଦ୍ୟମରେ ଭାରତର ଅବଦାନ ଜାଣିପାରିବେ;
- ମିଳିତ ଜାତିସଂଘର ଶାନ୍ତିରକ୍ଷା ଉଦ୍ୟମରେ ଭାରତର ଯୋଗଦାନ ଏବଂ ନିରାପତ୍ତା ପରିଷଦରେ ସ୍ଥାୟୀ ସଭ୍ୟପଦ ପାଇଁ ଭାରତର ଦାବିକୁ ବ୍ୟାଖା କରିପାରିବେ ।

## ୨୬.୧ ବୈଦେଶିକ ନୀତିର ମୌଳିକ ଉଦ୍ଦେଶ୍ୟ ଏବଂ ନୀତି

ଜାତୀୟ ସ୍ୱାର୍ଥର ସୁରକ୍ଷା,ବିଶ୍ୱରେ ଶାନ୍ତି ସ୍ଥାପନ, ନିରସ୍ତ୍ରୀକରଣ, ଆଫ୍ରିକୀୟ-ଏସୀୟ ରାଷ୍ଟ୍ରମାନଙ୍କର ସ୍ୱାଧୀନତା ଭାରତୀୟ ବୈଦେଶିକ ନୀତିର ମୁଖ୍ୟ ଲକ୍ଷ୍ୟ ଅଟେ । ଏହି ଲକ୍ଷ୍ୟଗୁଡ଼ିକୁ ପଞ୍ଚଶୀଳ;ଗୋଷ୍ଠୀ-ନିରପେକ୍ଷବାଦ; ଉପନିବେଶବାଦବିରୋଧୀ, ସାମ୍ରାଜ୍ୟବାଦ-ବିରୋଧୀ ତଥା ଜାତିବାଦ-ବିରୋଧୀ ନୀତି; ଏବଂ

ଜାତିସଂଘର ସଶକ୍ତିକରଣ ମାଧ୍ୟମରେ ହାସଲ କରିବାକୁ ପ୍ରୟାସ କରାଯାଇଛି । ଏହି ନୀତିଗୁଡ଼ିକୁ ବାଖ୍ୟା କରିବାର ଆବଶ୍ୟକତା ଏଠାରେ ରହିଛି ।

## ୨୬.୧.୧ ପଂଚଶୀଳ

ନେହରୁ ବିଶ୍ୱଶାନ୍ତିରେ ଗଭୀର ବିଶ୍ୱାସ ରଖୁଥିଲେ । ମାନବଜାତିର ବିକାଶ ଏବଂ ଉଦ୍‌ବର୍ତ୍ତନ ସହିତ ଶାନ୍ତିର ସଂପର୍କକୁ ସେ ବୁଝିଥିଲେ । ଦୁଇ ଦୁଇଟି ବିଶ୍ୱଯୁଦ୍ଧର ବିଧ୍ୱଂସୀ ରୂପକୁ ସେ ଦେଖିଥିଲେ । ତେଣୁକରି ସେ ଗୋଟିଏ ଦେଶର ପ୍ରଗତି ନିମନ୍ତେ ଦୀର୍ଘସ୍ଥାୟୀ ଶାନ୍ତିର ଆବଶ୍ୟକତା ହୃଦୟଙ୍ଗମ କରିପାରିଥିଲେ । ଏହାର ଅଭାବରେ ବିକାଶର ସାମଗ୍ରିକ ତଥା ଅର୍ଥନୈତିକ ଦିଗକୁ ଅଗ୍ରାଧିକାର ଦିଆଯାଇପାରିବ ନାହିଁ । ପରମାଣୁ ଅସ୍ତ୍ରର ଉତ୍ପାଦନ ନେହରୁଙ୍କୁ ଶାନ୍ତି ପ୍ରତି ଥିବା ବିଶ୍ୱାସକୁ ଆହୁରି ମଜବୁତ କରିଥିଲା । ତେଣୁ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସେ ବିଶ୍ୱ ଶାନ୍ତିକୁ ଅଧିକ ଗୁରୁତ୍ୱ ଦେଇଥିଲେ । ୨୮ ଏପ୍ରିଲ ୧୯୫୪ରେ ଚୀନ ସହିତ ଏକ ରାଜିନାମା ସ୍ୱାକ୍ଷର ହେଲାବେଳେ ଭାରତ ବିଶ୍ୱର ସମସ୍ତ ରାଷ୍ଟ୍ର, ବିଶେଷକରି ବୃହତ୍‌ଶକ୍ତି ଏବଂ ପଡୋଶୀ ରାଷ୍ଟ୍ର ମାନଙ୍କ ସହ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ନିମନ୍ତେ ଇଚ୍ଛା ପ୍ରକଟ କରିଥିଲା । ଦ୍ୱିପାକ୍ଷିକ ସଂପର୍କରେ ପାଞ୍ଚଟି ନିର୍ଣ୍ଣାୟକ ନୀତିରେ ଭାରତର ବିଶ୍ୱାସ ଥିଲା । ଯାହାକି ପଞ୍ଚଶୀଳ ନାମରେ ଅଭିହିତ ହୋଇଥିଲା । ଏହି ନୀତି ଗୁଡିକ ହେଲା :-

- ପାରସ୍ପରିକ ଆଂଚଳିକ ଅଖଣ୍ଡତା ତଥା ସାର୍ବଭୌମତ୍ୱ ପ୍ରତି ସମ୍ମାନ;
- ପାରସ୍ପରିକ ଆକ୍ରମଣରୁ ବିରତ ହେବା;
- ପାରସ୍ପରିକ ଆଭ୍ୟାନ୍ତରୀଣ ମାମଲାରେ ହସ୍ତକ୍ଷେପ ନକରିବା ;
- ସମାନତା ତଥା ପାରସ୍ପରିକ ସୁବିଧା ପ୍ରତି ଦୃଷ୍ଟି ଦେବା;
- ଶାନ୍ତିପୂର୍ଣ୍ଣ ସହାବସ୍ଥାନ ।

ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ନୀତି ପଞ୍ଚଶୀଳ ରାଜିନାମାରେ ପ୍ରତିଫଳିତ ହୋଇଥିଲା । ଏହା ଭାରତୀୟ ବୈଦେଶିକ ନୀତିର ଏକ ମୁଖ୍ୟ ଉପାଦାନ ଅଟେ ।

## ୨୬.୧.୨ ଗୋଷ୍ଠୀ ନିରପେକ୍ଷତା

ଗୋଷ୍ଠୀ ନିରପେକ୍ଷତା ଭାରତୀୟ ବୈଦେଶିକ ନୀତିର ଏକ ମୁଖ୍ୟ ବୈଶିଷ୍ଟ୍ୟ ଅଟେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ତଥା ସୋଭିଏତ୍ ସଂଘ ଦ୍ୱାରା ଗଠିତ ସାମରିକ ମେଣ୍ଟରେ ଯୋଗଦାନ ନ କରି ବୈଦେଶିକ ବ୍ୟାପାର ରେ ଜାତୀୟ ସ୍ୱାଧୀନତା ବଜାୟ ରଖିବା ଗୋଷ୍ଠୀ ନିରପେକ୍ଷତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହାର ଅର୍ଥ କିନ୍ତୁ ଆନ୍ତର୍ଜାତିକ ବ୍ୟାପାର ରୁ ସଂପୂର୍ଣ୍ଣ ଦୂରରେ ରହିବା ବା ପୃଥକ ରହିବା ନୁହେଁ । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ଆନ୍ତର୍ଜାତିକ ଘଟଣାବଳୀ ପ୍ରତି ଉଦାସୀନ ରହେ ନାହିଁ । ଗୋଷ୍ଠୀ ନିରପେକ୍ଷତା ଏକ ଗତିଶୀଳ ତଥା ସକ୍ରିୟ ଧାରଣା । କୌଣସି ସାମରିକ ମେଣ୍ଟ ପ୍ରତି ଆନୁଗତ୍ୟ ପ୍ରକାଶ ନ କରି ପ୍ରତ୍ୟେକ ଆନ୍ତର୍ଜାତିକ ପ୍ରସଙ୍ଗକୁ ଯୋଗ୍ୟତା ଅନୁଯାୟୀ ବିଚାର କରି ଏକ ସ୍ୱାଧୀନ ତଥା ନିରପେକ୍ଷ ସ୍ଥିତି ଅବଲମ୍ବନ କରିବା ଏହାର ଲକ୍ଷ୍ୟ । ଗୋଷ୍ଠୀ ନିରପେକ୍ଷ ନୀତି ବହୁ ବିକାଶଶୀଳ ରାଷ୍ଟ୍ରଙ୍କର ସମର୍ଥନ ଲାଭ କରିଥିଲା କାରଣ ଏହା ଦ୍ୱାରା ଏହି ଦେଶଗୁଡିକ ନିଜର ସାର୍ବଭୌମତ୍ୱକୁ ବଜାୟ ରଖିବା ସହ ଶୀତଳ ଯୁଦ୍ଧ ସମୟର ଉତ୍ତେଜନାପୂର୍ଣ୍ଣ ବାତାବରଣ ରେ କାର୍ଯ୍ୟ କରିବାର ସ୍ୱାଧୀନତା ପାଇଥିଲେ ।

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ସକ୍ରିୟ କରିବାରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ନେହରୁଙ୍କ ପ୍ରଚେଷ୍ଟାରେ ୧୯୪୭ ମସିହାରେ ନୂଆଦିଲ୍ଲୀ ଠାରେ ଏସୀୟ ସଂପର୍କ ସମ୍ମିଳନୀ ଅନୁଷ୍ଠିତ


Notes

ହୋଇଥିଲା । ତତ୍‌ପଶ୍ଚାତ୍ ୧୯୫୫ ମସିହାରେ ଇଣ୍ଡୋନେସିଆର ବାନ୍‌ଡୁଙ୍ଗ୍ ଠାରେ ୨୯ଟି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ରମାନଙ୍କ ଏକ ସମ୍ମିଳନୀ ବସିଥିଲା । ପ୍ରଥମ ଥର ପାଇଁ ଅନୁଷ୍ଠିତ ଏଭଳି ଏକ ସମ୍ମିଳନୀରେ ଔପନିବେଶବାଦର ଅନ୍ତ, ଶାନ୍ତି ତଥା ସାଂସ୍କୃତିକ, ଅର୍ଥନୈତିକ ଏବଂ ରାଜନୈତିକ ସହଯୋଗ ନିମନ୍ତେ ସମ୍ମିଳିତ ଉଦ୍ୟମ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବାନ୍‌ଡୁଙ୍ଗ୍ ଠାରେ ଆରମ୍ଭ ହୋଇଥିବା ଏହି ପ୍ରଚେଷ୍ଟା ଶେଷରେ ୧୯୬୧ ମସିହାରେ ବେଲ୍‌ଗ୍ରେଡ୍ ଠାରେ ଅନୁଷ୍ଠିତ ପ୍ରଥମ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ସମ୍ମିଳନୀରେ ରୂପାନ୍ତରିତ ହୋଇଥିଲା । ଏହି ଆନ୍ଦୋଳନ ଶୀତଳ ଯୁଦ୍ଧ ସମୟର ଗୋଷ୍ଠୀ ରାଜନୀତିର ଏକ ବିକଳ୍ପ ଭାବରେ ଆରମ୍ଭ ହୋଇଥିଲା ଏବଂ ଏହା ମାଧ୍ୟମରେ ନୂତନ ଭାବରେ ସ୍ୱାଧୀନତା ପାଇଥିବା ଦେଶଗୁଡ଼ିକ ନିଜର ସ୍ୱାଧୀନ ତଥା ସାର୍ବଭୌମ ଅଧିକାର ଗୁଡ଼ିକୁ ଜାହିର କରିବାକୁ ସୁଯୋଗ ପାଇଥିଲେ ।

ଶୀତଳ ଯୁଦ୍ଧ ସମୟରେ, ଯାହାକି ଦୀର୍ଘ ୪୫ ବର୍ଷ ଧରି ଚାଲିଥିଲା, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ସଂଘ ନିଜ ନିଜ ଭିତରେ ସିଧାସଳଖ ଯୁଦ୍ଧ ନକରିଥିଲେ ମଧ୍ୟ ଏସିଆ, ଆଫ୍ରିକା ତଥା ଲାଟିନ ଆମେରିକା ରୁ ମିତ୍ର ରାଷ୍ଟ୍ର ଯୋଗାଡ଼ କରିବାପାଇଁ ତୀବ୍ର ପ୍ରତିଦ୍ୱନ୍ଦିତା କରିଥିଲେ । ଏହି ଦୁଇ ବୃହତ୍ ଶକ୍ତି ପରସ୍ପର ବିରୋଧୀ ମେରୁ (ପ୍ରାଚ୍ୟ ଓ ପାଶ୍ଚାତ୍ୟ) ଭାବରେ ଉଭା ହେଲେ, ଯାହା ଫଳରେ ବିଶ୍ୱ ରାଜନୀତି ଏହି ଦୁଇ ମେରୁ ଚାରିପଟେ ଘୁରିବାକୁ ଲାଗିଲା ଏବଂ ପୃଥିବୀର ରାଷ୍ଟ୍ର ଗୁଡ଼ିକ ଦୁଇଭାଗରେ ବିଭକ୍ତ ହୋଇଗଲେ ।

ନେହୁର, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ଟିଟୋ ଏବଂ ଇଜିପ୍ଟିର ରାଷ୍ଟ୍ରପତି ନାସିରଙ୍କ ସହଯୋଗରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ମୂଳଦୂଆ ପକାଇଥିଲେ । ଏହି ଆନ୍ଦୋଳନରେ ସଦ୍ୟ ସ୍ୱାଧୀନତା ପାଇଥିବା ରାଷ୍ଟ୍ରଗୁଡ଼ିକ ପ୍ରାୟତଃ ସାମିଲ ହୋଇଥିଲେ । ସେମାନେ ଆନ୍ତର୍ଜାତିକ ବ୍ୟାପାରରେ ସେମାନଙ୍କର ପୂର୍ବ ଔପନିବେଶିକ ଶାସକ ମାନଙ୍କ ନର୍ଦ୍ଦେଶରେ ପରିଚାଳିତ ନ ହୋଇ ସ୍ୱାଧୀନ ଭାବରେ ନିର୍ଣ୍ଣୟ ନେବାକୁ ସ୍ଥିର କରିଥିଲେ । ଏହି ଆନ୍ଦୋଳନର ମୁଖ୍ୟ ଅଭିମୁଖ୍ୟ ଥିଲା ସାମ୍ରାଜ୍ୟବାଦର ବିରୋଧ । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ମୁଖ୍ୟ ସ୍ଥପତି ତଥା ଅଗ୍ରଣୀ ସଭ୍ୟ ଭାବରେ ଏହାର ଅଭିବୃଦ୍ଧି ଦିଗରେ ଭାରତ ସକ୍ରିୟ ଭୂମିକା ଗ୍ରହଣ କରିଥିଲା ।

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ, ଆୟତନ ତଥା ପ୍ରତିପତ୍ତି ନିର୍ବିଶେଷରେ, ପ୍ରତ୍ୟେକ ସଭ୍ୟ ରାଷ୍ଟ୍ରକୁ ବିଶ୍ୱ ରାଜନୀତି ତଥା ଆନ୍ତର୍ଜାତିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରିଥାଏ । ନୂଆଦିଲ୍ଲୀ ଠାରେ ୧୯୮୩ ମସିହାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସପ୍ତମ ଶୀଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିକାଶ, ନିରସ୍ତୀକରଣ ତଥା ପାଲେଷ୍ଟିନୀୟ ସମସ୍ୟାର ସମାଧାନ ଦିଗରେ ଏହି ଆନ୍ଦୋଳନ କାର୍ଯ୍ୟ କରିବ ବୋଲି ଭାରତ ଆଶା କରିଥିଲା ।

ଯେହେତୁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଶୀତଳ ଯୁଦ୍ଧ ତଥା ବୃହତ୍‌ଶକ୍ତି ବିବାଦ ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିଲା, ଶୀତଳ ଯୁଦ୍ଧର ଅବସାନ ତଥା ସୋଭିଏତ୍ ସଂଘର ଅନ୍ତ ପରେ ଏହାର ପ୍ରାସଙ୍ଗିକତା ସମ୍ବନ୍ଧରେ ବିଦ୍ୱାନ ବ୍ୟକ୍ତି ମାନେ ପ୍ରଶ୍ନ ଉଠାଇଛନ୍ତି । ମାତ୍ର ସମସାମୟିକ ଆନ୍ତର୍ଜାତିକ ରାଜନୀତିରେ ଏହି ଆନ୍ଦୋଳନ ର ଉପାଦେୟତା ରହିଛି । ପ୍ରଥମତଃ ସୋଭିଏତ୍ ସଂଘର ଅନ୍ତ ପରେ ଯୁକ୍ତରାଷ୍ଟ୍ର ଆମେରିକା ଅପ୍ରତିଦ୍ୱନ୍ଦୀ ବୃହତ୍‌ଶକ୍ତି ଭାବରେ ଉଭା ହୋଇଛି । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଯୁକ୍ତରାଷ୍ଟ୍ରର ପ୍ରତିପତ୍ତିକୁ ରୋକିବାରେ ସହାୟକ ହେବ । ଦ୍ୱିତୀୟତଃ, ଅନେକ ଗୁଡ଼ିଏ ଅର୍ଥନୈତିକ ପ୍ରସଂଗରେ ବିକଶିତ (ଉତ୍ତର) ଓ ବିକାଶଶୀଳ (ଦକ୍ଷିଣ) ରାଷ୍ଟ୍ରମାନଙ୍କ ମଧ୍ୟରେ ବିଭେଦ ରହିଛି । ଏହି ଆନ୍ଦୋଳନ ଉପରୋକ୍ତ ବିଭେଦର ସମାଧାନ ଦିଗରେ କାମ କରିପାରିବ । ଏହା ମାଧ୍ୟମରେ ବିକଶିତ ରାଷ୍ଟ୍ରମାନଙ୍କ ସହ ଗଠନମୂଳକ ଆଲୋଚନା

କରାଯାଇପାରିବ । ତୃତୀୟତଃ, ଦକ୍ଷିଣ-ଦକ୍ଷିଣ ସହଯୋଗ କ୍ଷେତ୍ରରେ ଏହି ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ବିକଶିତ ରାଷ୍ଟ୍ରମାନଙ୍କ ସହ ସଉଦା କରିବାରେ ଏହା ସହାୟକ ହେବ । ଶୀଳତଯୁଦ୍ଧର ଅନ୍ତ ପରେ ମଧ୍ୟ ଭାରତ ଏହି ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରୁଛି । ଶେଷରେ, ଏହି ଆନ୍ଦୋଳନରେ ସାମିଲ ବିକାଶଶୀଳ ରାଷ୍ଟ୍ର ଗୁଡ଼ିକ ଏକବିଂଶ ଶତାବ୍ଦୀର ଆବଶ୍ୟକତା ପରିପ୍ରେକ୍ଷୀରେ ମିଳିତ ଜାତିସଂଘର ପୁନର୍ବିନ୍ୟାସ ପାଇଁ ଉଦ୍ୟମ ଜାରି ରଖିପାରିବେ ।

## ୨୬.୧.୩ ସାମ୍ରାଜ୍ୟବାଦ, ଜାତିବାଦ ତଥା ଉପନିବେଶବାଦର ବିରୋଧ

ଭାରତ ସର୍ବଦା ଉପନିବେଶବାଦ ତଥା ଜାତିବାଦର ବିରୋଧ କରିଆସିଛି । ଭାରତ ସବୁବେଳେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଛି । ୧୯୪୭ ମସିହାର ଓଲନ୍ଦାଜ ଉପନିବେଶବାଦ ବିରୋଧରେ ଇଣ୍ଡୋନେସିଆର ଜାତୀୟ ସଂଗ୍ରାମ ସପକ୍ଷରେ, ଦକ୍ଷିଣ ଆଫ୍ରିକାର ନାମିବିଆ ଅନ୍ୟାୟ ଅଧିକାର ବିରୁଦ୍ଧରେ ଏବଂ ଦକ୍ଷିଣ ଆଫ୍ରିକାର ଘୃଣ୍ୟ ବର୍ଣ୍ଣବୈଷମ୍ୟ ନୀତି ବିରୁଦ୍ଧରେ ଭାରତର ସ୍ଥିତି ସୁବିଦିତ । ସେହିପରି ଜାତି ସଂଘରେ ଚୀନର ଅନ୍ତର୍ଭୁକ୍ତିକୁ ଭାରତ ଦୃଢ଼ ସମର୍ଥନ କରିଥିଲା ।

## ୨୬.୧.୪ ଜାତିସଂଘର ସୁଦୃଢ଼ୀକରଣ

ବିଶ୍ୱ ରାଜନୀତିରେ ଶାନ୍ତି ତଥା ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ କ୍ଷେତ୍ରରେ ଜାତିସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଭାରତ ସର୍ବଦା ହୃଦୟଙ୍ଗମ କରିଛି । ତା' ଛଡା ଦେଶ ଦେଶ ମଧ୍ୟରେ ଥିବା ବିବାଦକୁ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା କ୍ଷେତ୍ରରେ ଜାତିସଂଘ ସକ୍ରିୟା ଭୂମିକା ଗ୍ରହଣ କରୁ ବୋଲି ଭାରତ ଆଶା କରେ । ପୁନଶ୍ଚ ଭାରତ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କ ବିକାଶ ଦିଗରେ ଜାତିସଂଘର ସକାରତ୍ମକ ଭୂମିକାର ପ୍ରବକ୍ତା ଅଟେ । ଜାତିସଂଘରେ ତୃତୀୟ ବିଶ୍ୱର ରାଷ୍ଟ୍ର ମାନଙ୍କ ମିଳିତ ସାମୁଖ୍ୟ ସପକ୍ଷରେ ଭାରତ ଯୁକ୍ତି ବାଢ଼ିଛି । ଜାତିସଂଘରେ ବୃହତ୍ ଶକ୍ତିମାନଙ୍କର ପ୍ରଭାବ ହ୍ରାସ ଦିଗରେ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କ ଗଠନମୂଳକ ଓ ଯଥାର୍ଥ ଭୂମିକା ରହିଛି ବୋଲି ଭାରତ ବିଶ୍ୱାସ କରେ । ତୃତୀୟ ବିଶ୍ୱର ରାଷ୍ଟ୍ରଙ୍କ ଜାତିସଂଘରେ ସଂଖ୍ୟା ଗରିଷ୍ଠତା ସେମାନଙ୍କୁ ଏହି ଉଦ୍ୟମରେ ସଫଳ କରିବ ବୋଲି ଭାରତର ବିଶ୍ୱାସ । ଅସ୍ତ୍ରଶସ୍ତ୍ରର ହ୍ରାସକରଣ ଏବଂ ବିକାଶର ମହତ୍ ଲକ୍ଷ୍ୟ ମଧ୍ୟରେ ଯେ ଏକ ନିବିଡ଼ ସଂପର୍କ ରହିଛି, ଏହା ଭାରତ ୧୯୫୦ ମସିହାରେ ବୁଝିପାରିଥିଲା ।

ବାସ୍ତବରେ ମିଳିତ ଜାତିସଂଘ ମାନବିକ ତଥା ବିକାଶୋନ୍ମୁଖୀ ସହାୟତା ତଥା ଶାନ୍ତିରକ୍ଷା କାର୍ଯ୍ୟଦ୍ୱାରା ବିଶ୍ୱଶାନ୍ତି ର ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଔପନିବେଶିକ ଶାସନରୁ ସ୍ୱାଧୀନ ହେଲେ ଉପନିବେଶିକରଣର ଅନ୍ତ ହୋଇଥାଏ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଏସିଆ ତଥା ଆଫ୍ରିକା ର ଅନେକ ଉପନିବେଶ ସ୍ୱାଧୀନତା ଲାଭ କରିଥିଲେ ।


### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୬.୧

**୧। ଶୂନ୍ୟ ସ୍ଥାନ ପୂର୍ଣ୍ଣ କର**

(କ) ________ ଭାରତୀୟ ବୈଦେଶିକ ନୀତିର ମୁଖ୍ୟ ସ୍ଥପତି ଥିଲେ ।

(ଖ) ୧୯୫୫ ମସିହାରେ ଏସୀୟ-ଆଫ୍ରିକୀୟ ସମ୍ମିଳନୀ ________ ଠାରେ ଅନୁଷ୍ଠିତ ହୋଇଥିଲା ।

(ଗ) ପ୍ରଥମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ________ଠାରେ ________ ମସିହାରେ ଅନୁଷ୍ଠିତ ହୋଇଥିଲା ।



Notes

(ଘ) ପଂଶୀଳ ରାଜିନାମା ________ ଓ ________ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ।

(ଙ) ଭାରତ ________ ଠାରେ ଗୋଷ୍ଠୀ ନିରପେକ୍ଷ ଶିଖର ସମ୍ମିଳନୀ ଆୟୋଜନ କରିଥିଲା ।

**୨। ସଠିକ୍ ଉତ୍ତରରେ(✓) ଚିହ୍ନ ଦିଅନ୍ତୁ ।**

(କ) ଗୋଷ୍ଠୀ ନିରପେକ୍ଷତା ଓ ନିରପେକ୍ଷତାର ଅର୍ଥ ସମାନ । (ଠିକ୍/ଭୁଲ୍)

(ଖ) ଦକ୍ଷିଣ ଆଫ୍ରିକାର ସରକାରଙ୍କ ବର୍ଣ୍ଣବୈଷମ୍ୟ ନୀତିକୁ ଭାରତ ବିରୋଧ କରିଥିଲା । (ଠିକ୍/ଭୁଲ)

(ଗ) ଟିଟୋ ଏବଂ ନାସିର୍‌ଙ୍କ ସହ ନେହେରୁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ମୂଳଦୁଆ ପକାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । (ଠିକ୍/ଭୁଲ)

## ୨୬.୨ ଶୀତଳ ଯୁଦ୍ଧ ପରବର୍ତ୍ତୀ ସମୟରେ ଭାରତୀୟ ବୈଦେଶିକ ନୀତିର ମୁଖ୍ୟ ଉଦ୍‌ବେଗ ସମୂହ

୧୯୮୯ ମସିହାରେ ଶୀତଳ ଯୁଦ୍ଧର ଅବସାନ ସହ ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଲା । ଏହା ଫଳରେ ଭାରତ ସମେତ ଅଧିକାଂଶ ବିକାଶଶୀଳ ରାଷ୍ଟ୍ର ସେମାନଙ୍କ ବୈଦେଶିକ ନୀତି ସମ୍ବନ୍ଧିତ ନୂତନ ସମସ୍ୟାର ସମ୍ମୁଖୀନ ହେଲେ । ପରିବର୍ତ୍ତିତ ପରିସ୍ଥିତିରେ ଅଧିକ ଅନିଶ୍ଚିତତା ତଥା ଜଟିଳତା ପରିଲକ୍ଷିତ ହୋଇଥିଲା ।

ସୋଭିଏତ୍ ସଂଘର ବିଭାଜନ ଭାରତ ପାଇଁ ଅନେକ କ୍ଷେତ୍ରରେ ଅନିଶ୍ଚିତତା ସୃଷ୍ଟି କରିଥିଲା । ଯଥା – ଅସ୍ତ୍ରଶସ୍ତ୍ର ଯୋଗାଣ, ଉଦ୍‌ବୃତ୍ତ ଅଂଶ ଯୋଗାଣ, ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ତଥା ଅନ୍ୟାନ୍ୟ ରାଜନୈତିକ ପ୍ରସଙ୍ଗରେ ଭାରତକୁ କୁଟନୈତିକ ସମର୍ଥନ ଏବଂ ସର୍ବୋପରି ଦକ୍ଷିଣ ଏସିଆରେ ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିପତ୍ତିକୁ ତୁଲ୍ୟଭାର କରିବା ଆଦି । ବିଗତ ଦୁଇ ଦଶନ୍ଧିରେ ଆନ୍ତର୍ଜାତିକ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନମାନ ଆସିଛି । ଶୀତଳ ଯୁଦ୍ଧର ଅବସାନ, ଯୁକ୍ତରାଷ୍ଟ୍ର ଆମେରିକାର ଏକାଧିପତ୍ୟ, ଅନେକ ରାଷ୍ଟ୍ରର ବିଭାଜନ, ଶୀତଳଯୁଦ୍ଧ ସମୟର ସାମରିକ ମେଣ୍ଟ ଗୁଡ଼ିକର ମହତ୍ତ୍ୱ ହ୍ରାସ, ଅନେକ ମେଣ୍ଟର ବିଲୟ, ନୂତନ ଆଞ୍ଚଳିକ ଅର୍ଥନୈତିକ ସଂଗଠନମାନଙ୍କପର ସୃଷ୍ଟି ଆଦି ଅନେକ ଘଟଣା ବିଶ୍ୱ ରାଜନୀତିକୁ ଅନେକାଂଶରେ ବଦଳାଇଦେଇଛି । ଜଗତୀକରଣ ଫଳରେ ଅନେକ ନୂତନ ସମସ୍ୟା ଯଥା : ସନ୍ତ୍ରାସବାଦ, ଅର୍ଥ ହେର୍‌ଫେର୍, ଅସ୍ତ୍ରଶସ୍ତ୍ର କାରବାରରେ ବୃଦ୍ଧି, ବିଶ୍ୱର ଉତ୍ତପ୍ତିକରଣ ଆଦି ମୁଣ୍ଡ ଟେକିଛି । ଏହି ସମସ୍ୟା ଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରରେ ସୀମାବଦ୍ଧ ନୁହେଁ । ବରଂ ପୃଥିବୀର ସମସ୍ତ ରାଷ୍ଟ୍ର ଏଗୁଡିକ ଦ୍ୱାରା ଅଳ୍ପେ ବହୁତେ ପ୍ରଭାବିତ । ଏହି ବିଶ୍ୱଜନୀନ ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଜାତି-ରାଷ୍ଟ୍ର ଗୁଡ଼ିକ ପାରସ୍ପରିକ ଶତ୍ରୁତାକୁ ଭୁଲି ପରସ୍ପରକୁ ସହଯୋଗ କରିବା ପାଇଁ ବାଧ୍ୟ ହୋଇଛନ୍ତି । ଏହି ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟ୍ଟରେ ନୂତନ ଭାବେ ମୁଣ୍ଡଟେକିଥିବା ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ନିମନ୍ତେ ମିଳିତ ଜାତିସଂଘର ସଂସ୍କାର ତଥା ପୁର୍ନଗଠନ ଏକାନ୍ତ ଆବଶ୍ୟକ ହୋଇପଡିଛି ।

କାଶ୍ମୀରର ସନ୍ତ୍ରାସବାଦ ଭାରତୀୟ ବୈଦେଶିକ ନୀତି ପ୍ରତି ଏକ ପ୍ରମୁଖ ଆହ୍ୱାନ ଅଟେ । କାଶ୍ମୀରରେ ଭାରତ ମାନବିକ ଅଧିକାର ଉଲ୍ଲଙ୍ଘନ କରୁଛି ଏବଂ ସେଠାକାର ଅଧିବାସୀଙ୍କୁ ଆତ୍ମନିୟନ୍ତ୍ରଣର ସୁଯୋଗ ଦେଉନାହିଁ ବୋଲି ପାକିସ୍ଥାନ ଏବଂ ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ଅଭିଯୋଗ କରିଥିଲେ । ଧୀରେ ଧୀରେ ଭାରତ ପରିସ୍ଥିତିକୁ ନିଜ ନିୟନ୍ତ୍ରଣକୁ ଆଣିପାରିଥିଲା ।

କାଶ୍ମୀର ପ୍ରସଙ୍ଗରେ ଭାରତ ପାକିସ୍ଥାନ ଦ୍ୱିପାକ୍ଷିକ ସଂପର୍କରେ ଦ୍ରୁତ ଅବନତି ଘଟିଥିଲା । କାଶ୍ମୀର ତଥା ଦେଶର ଅନ୍ୟ ଭାଗ ଗୁଡ଼ିକରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପାଇଁ ଭାରତ ପାକିସ୍ଥାନକୁ ଦାୟୀ କରିଥିଲା ।



Notes

୧୯୯୮ରେ ଭାରତର ପରମାଣୁ ଅସ୍ତ୍ର ପରୀକ୍ଷା ପରେ ପାକିସ୍ଥାନ ମଧ୍ୟ ଏଭଳି ପରୀକ୍ଷା କରିଥିଲା । କାଶ୍ମୀର ଉପତ୍ୟକାକୁ ଭାରତରୁ ବିଚ୍ଛିନ୍ନ କରିବାର ଉଦ୍ଦେଶ୍ୟରେ ପାକିସ୍ଥାନ ତା'ର ସୈନ୍ୟମାନଙ୍କୁ ଗୁପ୍ତରେ କାର୍‌ଗୀଲ୍ କୁ ପଠାଇଥିଲା । ଏହି ଆହ୍ୱାନର ମୁକାବିଲା ଭାରତ ଦୃଢ଼ତା ଓ ସଫଳତା ର ସହ କରିଥିଲା । ଯୁକ୍ତରାଷ୍ଟ୍ରର ଚାପରେ ଭାରତ ପାକିସ୍ଥାନ ସହ ଗଠନ ମୂଳକ ଆଲୋଚନା କରିବା ପାଇଁ ଚେଷ୍ଟିତ । ଏହା ଭାରତ ପାଇଁ ଏକ ବଡ଼ ଆହ୍ୱାନ ।

କାଶ୍ମୀର ବ୍ୟତୀତ ଭାରତର ଅନ୍ୟ ଅଞ୍ଚଳକୁ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବ୍ୟାପୁଥିବାରୁ ଏହା ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ଅବଶ୍ୟ ଏହା ଭାରତକୁ ଅନ୍ୟ ଦେଶମାନଙ୍କ ସହ ସନ୍ତ୍ରାସବାଦକୁ ରୋକିବାପାଇଁ ମିଳିତ ଉଦ୍ୟମ ଆରମ୍ଭ କରିବାକୁ ସୁଯୋଗ ପ୍ରଦାନ କରିଛି ।

ଶୀତଳ ଯୁଦ୍ଧର ଅବସାନ ପରେ ପୁରୁଣା ବନ୍ଧୁତ୍ୱକୁ ବଜାୟ ରଖିବା ଏବଂ ନୂତନ ବନ୍ଧୁତ୍ୱ ସୃଷ୍ଟି କରିବା ଭରତୀୟ ବୈଦେଶିକ ନୀତି ପ୍ରତି ଅନ୍ୟ ଏକ ଆହ୍ୱାନ ଅଟେ । ଉଦହରଣ ସ୍ୱରୂପ ଭାରତ ଆରବ ରାଷ୍ଟ୍ରମାନଙ୍କ ସହ ଥିବା ବନ୍ଧୁତ୍ୱ କୁ ଅକ୍ଷୁର୍ଣ୍ଣ ରଖି ଇସ୍ରାଏଲ୍ ସହ ସଂପର୍କ ସୁଦୃଢ଼ କରିବା ପାଇଁ ଚେଷ୍ଟା କରୁଛି । ସେହି ପରି ଭାରତ ଯୁକ୍ତରାଷ୍ଟ୍ର ଆମେରିକା ସହ ଅର୍ଥନୈତିକ ଓ ସୁରକ୍ଷା କ୍ଷେତ୍ରରେ ସଂପର୍କ ନିବିଡ଼ କରିବା ପାଇଁ ଚେଷ୍ଟା କରୁଛି ମାତ୍ର ଇରାକ୍ ଓ ଯୁଗୋସ୍ଲୋଭିଆ ବିରୁଦ୍ଧରେ ଯୁକ୍ତରାଷ୍ଟ୍ରର ଏକତରଫା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛି । ଶେଷରେ ଭାରତ ବୈଦେଶିକ ନୀତିର ଅର୍ଥନୈତିକ ଦିଗ ର କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱକୁ ବୁଝିପାରିଛି । ତେଣୁ ଭାରତ ଚୀନ୍, ପଡୋଶୀ ଦକ୍ଷିଣ ଏସୀୟ ରାଷ୍ଟ୍ର ସମୂହ ତଥା ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ବନ୍ଧୁତାର ନୂତନ ଭିତ୍ତିଭୂମି ସ୍ଥାପନ କରିବା ପାଇଁ ଚେଷ୍ଟିତ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୬.୨

**୧। ସଠିକ୍ ଉତ୍ତରରେ(✓)ଚିହ୍ନ ଦିଅ**

(କ) ଶୀଳତ ଯୁଦ୍ଧ ପରବର୍ତ୍ତୀ ସମୟର ଆନ୍ତର୍ଜାତିକ ସଂପର୍କ ଦ୍ୱି-ମେରୁ ଛାଞ୍ଚ ଉପରେ ଆଧାରିତ ।
(ଠିକ୍ /ଭୁଲ୍)

(ଖ) ୧୯୯୦ ଦଶନ୍ଧିରେ କାଶ୍ମୀର ପ୍ରସଙ୍ଗ ଭାରତୀୟ ବୈଦେଶିକ ନୀତିର ମୁଖ୍ୟ ସମସ୍ୟା ହୋଇ ଯାଇଛି । (ଠିକ୍/ଭୁଲ୍)

(ଗ) ଶୀତଳ ଯୁଦ୍ଧ ପରେ ଭାରତ ଆରବ ରାଷ୍ଟ୍ର ମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଛି ଏବଂ ଇସ୍ରାଏଲ୍ ସହ ସଂପର୍କ ଘନିଷ୍ଠ କରିବାକୁ ଚାହୁଁଛି । (ଠିକ୍/ଭୁଲ୍)

(ଘ) ସନ୍ତ୍ରାସବାଦ ର ମୁକାବିଲା ନିମନ୍ତେ ଭାରତ ଅନ୍ୟ ଦେଶମାନଙ୍କ ସହିତ ମିଶି ମିଳିତ ଉଦ୍ୟମ ପାଇଁ ଚେଷ୍ଟା କରୁଛି । (ଠିକ୍ /ଭୁଲ)

## ୨୬.୩ ଭାରତ ଏବଂ ମିଳିତ ଜାତିସଂଘ

### ୨୬.୩.୧ ଶାନ୍ତି ଓ ନିରସ୍ତ୍ରୀକରଣ ଦିଗରେ ଜାତିସଂଘର ପ୍ରୟାସରେ ଭାରତର ଅବଦାନ

୨୪ ଅକ୍ଟୋବର ୧୯୫୪ ମସିହାରେ କାର୍ଯ୍ୟ କରିବାକୁ ଆରମ୍ଭ କରିଥିବା ମିଳିତ ଜାତିସଂଘ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରଠାରୁ ସୁବଠାରୁ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ସଂଗଠନ ଅଟେ । ଏହାର କାର୍ଯ୍ୟାବଳୀର ମୁଖ୍ୟ ଆଧାର ଏହାର ଘୋଷଣାନାମା ଅଟେ । ବିଶ୍ୱ ବ୍ୟାପାରରେ ଜାତିସଂଘର ପ୍ରମୁଖ ଭୂମିକା ରହିଛି । ଦେଶମାନଙ୍କ ମଧ୍ୟରେ

ସଂପର୍କର ସୁପରିଚାଳନା ତଥା ବିଭିନ୍ନ ପ୍ରକାରର ଆନ୍ତର୍ଜାତିକ କାର୍ଯ୍ୟକଳାପର ନିୟନ୍ତ୍ରଣ ଦିଗରେ ପଚାଶ ବର୍ଷ ରୁ ଉର୍ଦ୍ଧକାଳ ଜାତିସଂଘ ତା'ର ଉଦ୍ୟମ ଜାରି ରଖିଛି । ଲୋକମାନଙ୍କ ସୁରକ୍ଷା, ଶାନ୍ତି ତଥା ବିକାଶ ନିମନ୍ତେ ଏହା କାର୍ଯ୍ୟ କରୁଛି । ନିରସ୍ତ୍ରୀକରଣ ସମ୍ବନ୍ଧିତ କାର୍ଯ୍ୟକଳାପ ହେଉଛି ଜାତିସଂଘର ବିଶ୍ୱଶାନ୍ତି ପାଇଁ ଏକ ବଡ଼ ଅବଦାନ । ଜାତିସଂଘର ନିରସ୍ତ୍ରୀକରଣ ସମ୍ବନ୍ଧିତ କାର୍ଯ୍ୟକଳାପରେ ଭାରତର ମଧ୍ୟ ଯଥେଷ୍ଟ ଅବଦାନ ରହିଛି ।

ପରମାଣୁ ଅସ୍ତ୍ର ଭଳି ବିପଜ୍ଜନକ ଅସ୍ତ୍ରଶସ୍ତ୍ରକୁ ସୀମିତ ବା ହ୍ରାସ କରିବା ତଥା ସମ୍ଭବ ହେଲେ ସଂପୂର୍ଣ୍ଣ ରୂପେ ଅପସାରଣ କରିବାକୁ ନିରସ୍ତ୍ରୀକରଣ କୁହାଯାଏ ।

ସ୍ୱାଧୀନତା ପରଠାରୁ ଭାରତ ପ୍ରଭେଦ- ବିହୀନ ବିଶ୍ୱ ନିରସ୍ତ୍ରୀକରଣ ର ଲକ୍ଷ୍ୟ ଦିଗରେ ନିରବିଚ୍ଛିନ୍ନ ଭାବରେ କାମ କରୁଛି । ବିଧ୍ୱଂସୀ ପରମାଣୁ ଅସ୍ତ୍ର ରହିତ ବିଶ୍ୱରେ ହିଁ କେବଳ ନିରାପତ୍ତା ସମ୍ଭବ ବୋଲି ଭାରତ ଦୃଢ଼ ଭାବରେ ବିଶ୍ୱାସ କରେ । ସାଧାରଣ ଓ ସଂପୂର୍ଣ୍ଣ ନିରସ୍ତ୍ରୀକରଣ ଦିଗରେ ପାରମାଣବିକ ନିରସ୍ତ୍ରୀକରଣ ପ୍ରଥମ ପଦକ୍ଷେପ । ତେଣୁ ଏହାକୁ ଉଚ୍ଚ ପ୍ରାଥମିକତା ଦେବା ପାଇଁ ଭାରତ ସର୍ବଦା ଯୁକ୍ତି ବାଢ଼ିଛି ।

ଜାତିସଂଘର ନିରସ୍ତ୍ରୀକରଣ ଦିଗରେ ଉଦ୍ୟମକୁ ଭାରତର ଉଲ୍ଲେଖନୀୟ ଅବଦାନ ରହିଛି । ନୂତନ ଚିନ୍ତାଧାରା, ପ୍ରସ୍ତାବ, ପ୍ରଚେଷ୍ଟା ତଥା ବିବାଦର ସମାଧାନ ନିମନ୍ତେ କାର୍ଯ୍ୟ-ଯୋଜନା ଆଦି କ୍ଷେତ୍ରରେ ଭାରତର ଭୂମିକା ରହିଛି । ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ତଥା ଜାତୀୟ ଶସ୍ତ୍ରାଗାର ଗୁଡ଼ିକରୁ ପାରମାଣବିକ ଅସ୍ତ୍ରର ଅପସାରଣ ନିମନ୍ତେ ୧୯୪୮ ମସିହାରେ ଭାରତ ପ୍ରସ୍ତାବ ରଖିଥିଲା । ଶାନ୍ତିପୂର୍ଣ୍ଣ ଉପାୟରେ ଅସ୍ତ୍ରଶସ୍ତ୍ର ହ୍ରାସ କରି ସେ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ବିକାଶ ଉଦ୍ଦେଶ୍ୟରେ ଲଗାଇବା ନିମନ୍ତେ ଏକ ମିଳିତ ଜାତିସଂଘ ଶାନ୍ତି ପାଣ୍ଠି ଗଠନ ନିମନ୍ତେ ୧୯୫୦ ମସିହାରେ ଭାରତ ଆହ୍ୱାନ ଦେଇଥିଲା । ୧୯୫୪ ମସିହାରେ ପାରମାଣବିକ ପରୀକ୍ଷା ର ସଂପୂର୍ଣ୍ଣ ନିଷେଧ ନିମନ୍ତେ ଏକ ରାଜିନାମା ପାଇଁ ଭାରତ ଯୁକ୍ତି ବାଢ଼ିଥିଲା ।୧୯୬୩ ମସିହାର ଆଂଶିକ ପରୀକ୍ଷା ନିଷେଧ ଚୁକ୍ତିରେ (Partial Test Ban Treaty) ଭାରତ ପ୍ରଥମେ ଦସ୍ତଖତ କରିଥିଲା । ଜାତିସଂଘର କାର୍ଯ୍ୟ ସୂଚୀରେ 'ଶସ୍ତ୍ର ପ୍ରସାରଣ ନିରୋଧ' କୁ ସ୍ଥାନ ଦେବା ନିମନ୍ତେ ୧୯୬୪ ମସିହାରେ ଭାରତ ଉଦ୍ୟମ ଆରମ୍ଭ କରିଥିଲା । କିନ୍ତୁ ୧୯୬୮ ମସିହାର ଆଣବିକ ଅନଗ୍ରସରତା ଚୁକ୍ତି ବା ଏନ୍.ପି.ଟି. ଭାରତର ଏହି ଉଦ୍ୟମକୁ ପ୍ରତିହତ କରିଥିଲା । କାରଣ ଏହି ଚୁକ୍ତି ଅନୁଯାୟୀ ଅଧିକାଂଶ ରାଷ୍ଟ୍ରଙ୍କୁ ଆଣବିକ ଅସ୍ତ୍ରଶସ୍ତ୍ର, ରଖିବାରୁ ବା ଉତ୍ପାଦନ କରିବାରୁ ବାରଣ କରାଯାଇଥିଲା । ମାତ୍ର ଆଣବିକ ଅସ୍ତ୍ର ରଖିଥିବା ମୁଷ୍ଟିମେୟ ରାଷ୍ଟ୍ରଙ୍କ କାର୍ଯ୍ୟକଳାପ ଉପରେ କୌଣସି ନିର୍ଦ୍ଦିଷ୍ଟ କଟକଣା ଜାରି କରାଯାଇନଥିଲା ।

୧୯୮୪ମସିହାରେ ଆର୍ଜେ[ନା, ଗ୍ରୀସ୍, ମେକ୍ସିକୋ, ସ୍ୱିଡେନ୍ ଏବଂ ତାଞ୍ଜାନିଆ ସହ ଭାରତ ଏକ ଛଅ ଦେଶୀୟ ପଞ୍ଚ ମହାଦେଶୀୟ ଶାନ୍ତି ଉଦ୍ୟମ ଆରମ୍ଭ କରିଥିଲା । ଚାରିବର୍ଷ ପରେ ସୋଭିଏତ୍ ସଂଘର ରାଷ୍ଟ୍ରପତି ଗୋର୍ବାଚୋଭ ଙ୍କ ଭାରତ ଗସ୍ତ ସମୟରେ ଏକ ମିଳିତ ଘୋଷଣାନାମା ଜରିଆରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଣବିକ ଅସ୍ତ୍ରଶସ୍ତ୍ରର ସଂପୂର୍ଣ୍ଣ ଅପସାରଣ ନିମନ୍ତେ ଦୃଢ଼ ଯୁକ୍ତି ବାଢ଼ିଥିଲେ । ୧୯୮୮ ମସିହାରେ ରାଜୀବ ଗାନ୍ଧି ଏକ ପରମାଣୁ ଅସ୍ତ୍ର ରହିତ ତଥା ଅହିଂସା ଉପରେ ଆଧାରିତ ଏକ ବିଶ୍ୱ ବ୍ୟବସ୍ଥାର ଆରମ୍ଭ ନିମନ୍ତେ ଏକ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିଥିଲେ । ଏହି କାର୍ଯ୍ୟପନ୍ଥାରେ ପ୍ରତ୍ୟେକ ଦେଶ ଠାରୁ ପର୍ଯ୍ୟାୟ କ୍ରମେ, ୨୦୧୦ ମସିହା ସୁଦ୍ଧା, ପାରମାଣବିକ ଅସ୍ତ୍ରର ସଂପୂର୍ଣ୍ଣ ଅପସାରଣ ନିମନ୍ତେ ପ୍ରତିଶ୍ରୁତି ନେବାର ବ୍ୟବସ୍ଥା ଥିଲା । ୧୪ ଜାନୁଆରୀ ୧୯୯୩ ମସିହାରେ ଭାରତ ରାସାୟନିକ ଅସ୍ତ୍ର ସମ୍ବନ୍ଧୀୟ ଚୁକ୍ତିରେ ମୂଳ ସ୍ୱାକ୍ଷରକାରୀ ହିସାବରେ ସ୍ୱାକ୍ଷର କରିଥିଲା । ଏପରି ଭାବେ ଏହି ଚୁକ୍ତିକୁ ଅନୁମୋଦନ କରିଥିବା ପ୍ରଥମ ୬୫ ରାଷ୍ଟ୍ରଙ୍କ ଭିତରୁ ଭାରତ ଥିଲା ଅନ୍ୟତମ । ସେହିପରି ୧୯୯୩ ମସିହାରେ ଆଣବିକ ନିରସ୍ତ୍ରୀକରଣର ଲକ୍ଷ୍ୟ ହାସଲ ନିମନ୍ତେ ଭାରତ ଯୁକ୍ତରାଷ୍ଟ୍ର ଆମେରିକା ସହ ମିଳିତ ଭାବରେ ଆଣବିକ ପରୀକ୍ଷା ସଂପୂର୍ଣ୍ଣ ନିଷେଧ

ସମ୍ବନ୍ଧିତ ଏକ ପ୍ରସ୍ତାବ ଆଣିଥିଲା । ମାତ୍ର ଯେତେବେଳେ ଆଣବିକ ପରୀକ୍ଷା ସଂପୂର୍ଣ୍ଣ ନିଷେଧ ସମ୍ବନ୍ଧିତ ଚୁକ୍ତି (CTBT) ବିନା ସହମତିରେ ତରବରିଆ ଭାବେ ସ୍ୱାକ୍ଷର ହୋଇଗଲା, ଭାରତ ଅତ୍ୟନ୍ତ ମର୍ମାହତ ହୋଇଥିଲା । ଏହା ଭାରତର ସୁରକ୍ଷା ସମ୍ବନ୍ଧୀୟ ସମସ୍ୟା ପ୍ରତି ଦୃଷ୍ଟି ଦେଇନଥିଲା । ଆଣବିକ ଅସ୍ତ୍ର ସମ୍ବନ୍ଧିତ ଚୁକ୍ତିରେ ପାତର ଅନ୍ତର ନୀତି ଥିବାରୁ ଭାରତ ତାହାର ବିରୋଧ କରିଥିଲା । ଏଣୁ ଭାରତ ୧୯୯୮ ମସିହାରେ ଆଣବିକ ପରୀକ୍ଷା କରିଥିଲା । ଏହାକୁ ଅନେକ ଦେଶ ନାପସନ୍ଦ କରିଥିଲେ ଏବଂ ନିରସ୍ତ୍ରୀକରଣ ପ୍ରକ୍ରିୟାର ଏକ ନକାରାତ୍ମକ ଦିଗ ଭାବେ ବିବେଚନା କରିଥିଲେ । କିନ୍ତୁ ଭାରତ ନିରପେକ୍ଷ ଓ ପ୍ରଭେଦ -ବିହୀନ ଆଣବିକ ନିରସ୍ତ୍ରୀକରଣ ଦିଗରେ ନିଜର ପ୍ରୟାସ ଜାରି ରଖିବାକୁ ନେଇଥିବା ସଂକଳ୍ପକୁ ଦୋହରାଇଥିଲା ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୬.୩

**୧। ଭାରତ ସର୍ବଦା କେଉଁଥିପାଇଁ ଯୁକ୍ତି ବାଢ଼ିଛି ?**

(କ) ଏକ ଆଣବିକ ଅସ୍ତ୍ର ମୁକ୍ତ ପୃଥିବୀ ।

(ଖ) ଏକ ପୃଥିବୀ ଯେଉଁଠି ସବୁ ଦେଶ ଆଣବିକ ଅସ୍ତ୍ରର ଅଧିକାରୀ ହେବେ

(ଗ) ଏକ ପୃଥିବୀ ଯେଉଁଠି ମୁଷ୍ଟିମେୟ ମନୋନୀତ ରାଷ୍ଟ୍ର ଆଣବିକ ଅସ୍ତ୍ର ଅଧିକାରୀ ହେବେ ।

୨। ନିମ୍ନଲିଖିତ ଶବ୍ଦ ସଂକ୍ଷେପକୁ ବିସ୍ତାର କର ।

(କ) CTBT (ଖ) NPT

## ୨୬.୩.୨ ଜାତିସଂଘର ଶାନ୍ତିରକ୍ଷା କ୍ଷେତ୍ରରେ ଭାରତର ଯୋଗଦାନ

ଜାତିସଂଘର ଶାନ୍ତିରକ୍ଷା ଅଭିଯାନରେ ଭାରତ ଦୀର୍ଘ ଦିନରୁ ଯୋଗ ଦେଇ ଆସୁଛି । ଅନେକ ରାଜନୈତିକ ପର୍ଯ୍ୟବେକ୍ଷକ ଙ୍କ ମତରେ ଏ କ୍ଷେତ୍ରରେ ଭାରତର ଅବଦାନ ଉଲ୍ଲେଖନୀୟ ଅଟେ । ଭାରତର ଏହି କାର୍ଯ୍ୟ ଜାତିସଂଘରେ ଆନ୍ତର୍ଜାତିକ ସମୁଦାୟର ସଭ୍ୟ ମାନଙ୍କ ଦ୍ୱାରା ଆଦୃତ ହୋଇଛି ।

ଶାନ୍ତି ରକ୍ଷାର ଅର୍ଥ ହେଉଛି ଜାତିସଂଘର ଆନୁକୁଲ୍ୟରେ ବିଭିନ୍ନ ଦେଶମାନଙ୍କ ସମ୍ମତିରେ ସେଠାରୁ ସୈନ୍ୟ, ପୁଲିସ ଓ ସାଧାରଣ ନାଗରିକଙ୍କୁ ଆଣି ଏକ ବାହିନୀ ପ୍ରସ୍ତୁତ କରିବା ଯାହାକି ଦେଶ ଦେଶ ମଧ୍ୟରେ ବା କୌଣସି ଦେଶ ଭିତରେ ଥିବା ଶତ୍ରୁତାକୁ ଅଣଆକ୍ରମଣାତ୍ମକ ଉପାୟରେ ବାରଣ, ସୀମିତ ବା ଅନ୍ତ କରିବ । ଗୋଟିଏ ଦ୍ୱନ୍ଦାତ୍ମକ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ଶାନ୍ତିରକ୍ଷା ପାଇଁ ଇଚ୍ଛୁକ ଦେଶମାନଙ୍କ ସାହାଯ୍ୟ ନିଆଯାଇ ଥାଏ ।

ଚାରିଟି ଦେଶରେ ଜାତିସଂଘର ୩୫ଟି ଶାନ୍ତି ରକ୍ଷା କାର୍ଯ୍ୟରେ ଭାରତ ଯୋଗଦାନ କରିଛି । ଏସିଆ ଓ ଆଫ୍ରିକାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଭାରତର ଅବଦାନ ଉଲ୍ଲେଖନୀୟ ଅଟେ । ସଂଖ୍ୟା ଦୃଷ୍ଟିରୁ ଜାତିସଂଘର ଶାନ୍ତିରକ୍ଷା ବାହିନୀକୁ ସୈନ୍ୟ ଯୋଗାଉଥିବା ଦେଶମାନଙ୍କ ମଧ୍ୟରେ ଭାରତର ସ୍ଥାନ ପ୍ରଥମ ।

ଜାତିସଂଘର ଶାନ୍ତିରକ୍ଷା କାର୍ଯ୍ୟରେ ଭାରତର ଭୂମିକାର କାହାଣୀ ୧୯୫୬ ମସିହାରୁ ଆରମ୍ଭ ହୋଇଥିଲା । ସେତେବେଳେ ଇସ୍ରାଏଲ୍ ର ଇଜିପ୍ଟ୍ ବିରୁଦ୍ଧରେ ଯୁଦ୍ଧର ସମାପ୍ତି ପରେ ଗାଜାଷ୍ଟ୍ରିପ୍ ଏବଂ ସିନାଇ ଠାରେ ପ୍ରତିଷ୍ଠା କରାଯାଇଥିବା ମିଳିତ ଜାତିସଂଘ ଜରୁରୀକାଳୀନ ବାହିନୀରେ ଭାରତ ଅଂଶଗ୍ରହଣ କରିଥିଲା । ଏଭଳି

ବାହିନୀର ଉପସ୍ଥିତି ଯୋଗୁଁ ଆଫ୍ରିକା ର କଂଗୋ ଦେଶ ଉପକୃତ ହୋଇଥିଲା । ୧୯୬୦ ଦଶନ୍ଧିରେ ସେହିଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ଦିଗରେ ଭାରତ ସହଯୋଗ କରିଥିଲା ।

ଶୀତଳ ଯୁଦ୍ଧର ପରିସମାପ୍ତି ପରେ ମଧ୍ୟ ଜାତିସଂଘର ଶାନ୍ତିରକ୍ଷା କାର୍ଯ୍ୟକ୍ରମରେ ଭାରତର ଅବଦାନ ମହତ୍ୱପୂର୍ଣ୍ଣ ରହିଲା । ଜାତିସଂଘ ମହାସଚିବ ଙ୍କ ଅନୁରୋଧ କ୍ରମେ ଗୃହ ଯୁଦ୍ଧ ଦ୍ୱାରା ପ୍ରଭାବିତ ଆଙ୍ଗୋଲା, କାମ୍ବୋଡିଆ, ସୋମାଲିଆ, ଏଲ୍ ସାଲ୍‌ଭାଡୋର, ସିଏରା ଲିଓନ୍ ଆଦି ଦେଶକୁ ଭାରତ ସାମରିକ କର୍ମଚାରୀଙ୍କୁ ପଠାଇଥିଲା । ଏହା ଦ୍ୱାରା ସେସବୁ ଦେଶରେ ସରକାରୀ କଳର ପତନ ଘଟିନଥିଲା । ସୈନ୍ୟ ଛଡା ଭାରତ ଏ ଦେଶ ଗୁଡ଼ିକୁ ପୁଲିସ୍, ଡାକ୍ତର, ଯନ୍ତ୍ରୀ, ପ୍ରଶାସକ, ଆଦିଙ୍କୁ ମଧ୍ୟ ପଠାଇଥିଲା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୬.୪

**୧। ଶାନ୍ତିରକ୍ଷା ନିମନ୍ତେ କେଉଁ ଦେଶକୁ ଭାରତ ପ୍ରଥମେ ସୈନ୍ୟବାହିନୀ ପଠାଇଥିଲା ?**

(କ) କୋରିଆ

(ଖ) ସିନାଇ

(ଗ) କଂଗୋ

**୨। ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ଅଟେ ?**

(କ) ସଂଖ୍ୟା ଦୃଷ୍ଟିରୁ ଜାତିସଂଘର ଶାନ୍ତି ରକ୍ଷା କାର୍ଯ୍ୟକ୍ରମକୁ ସୈନ୍ୟ ଯୋଗାଉଥିବା ଦେଶମାନଙ୍କ ମଧ୍ୟରେ ଭାରତ ସ୍ଥାନ ଦ୍ୱିତୀୟ ।

(ଖ) ଶାନ୍ତି ରକ୍ଷା କାର୍ଯ୍ୟକ୍ରମ ଶୀଳତ ଯୁଦ୍ଧ ସମୟକୁ ସୀମିତ ଥିଲା ।

(ଗ) କଂଗୋକୁ ବିଭାଜନରୁ ରକ୍ଷା କରିବାରେ ଭାରତର ଭୂମିକା ଉଲ୍ଲେଖନୀୟ ଥିଲା ।

**୩। ଶାନ୍ତିରକ୍ଷା କ୍ଷେତ୍ରର ଭାରତର ଅବଦାନରେ ନିମ୍ନଲିଖିତ କେଉଁମାନେ ସାମିଲ ଥିଲେ ?**

(କ) କେବଳ ସୈନ୍ୟ ମାନେ

(ଖ) କେବଳ ଅଣ-ସାମରିକ କର୍ମଚାରୀ

(ଗ) ଉଭୟ ସାମରିକ ଓ ବେସାମରିକ କର୍ମଚାରୀ ।

## ୨୬.୪. ନିରାପତ୍ତା ପରିଷଦରେ ସ୍ଥାୟୀ ସଭ୍ୟପଦ ପାଇଁ ଭାରତର ଦାବି

ତୁମେମାନେ ଜାଣିଛଯେ ବିଶ୍ୱ ଶାନ୍ତି ବଜାୟ ରଖିବା ଦିଗରେ ନିରାପତ୍ତା ପରିଷଦର କାର୍ଯ୍ୟ ଦକ୍ଷତା ନିତାନ୍ତ ଆବଶ୍ୟକ । ମାତ୍ର ନିରାପତ୍ତା ପରିଷଦର ସଭ୍ୟ ପଦ ସମ୍ବନ୍ଧିତ ପୁରୁଣା କାଳିଆ ତଥା ଅପରିବର୍ତ୍ତିତ ନିୟମ ଏହାର କାର୍ଯ୍ୟକରିତାକୁ ପ୍ରଭାବିତ କରିଛି । ଅଧୁନା ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଗ୍ରେଟ୍ ବ୍ରିଟେନ୍, ଫ୍ରାନ୍ସ ଏବଂ ଚୀନ ଏହି ପରିଷଦର ସ୍ଥାୟୀ ସଭ୍ୟ ଅଟନ୍ତି । ସାଂପ୍ରତିକ ପୃଥିବୀରେ କ୍ଷମତା ସମ୍ମିଶ୍ରଣରେ ବଡ଼ ଧରଣର ପରିବର୍ତ୍ତନ ଆସିସାରିଛି । ଯେଉଁ ସମୟରେ ଉପରୋକ୍ତ ପାଂଚଟି ଦେଶକୁ ସ୍ଥାୟୀ ସଭ୍ୟପଦ ଦିଆଯାଇଥିଲା ସେ ସମୟର ସ୍ଥିତି ବର୍ତ୍ତମାନ ନାହିଁ । ଅର୍ଥନୈତିକ କ୍ଷେତ୍ରରେ ଦ୍ରୁତ ବିକାଶ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତର ସ୍ଥାନ ଚତୁର୍ଥ । ତାଛଡ଼ା ବିଭିନ୍ନ ଆନ୍ତର୍ଜାତିକ ମଂଚରେ ଭାରତ ନେତୃତ୍ୱ ପ୍ରଦାନ କରିଛି । ତୃତୀୟ ବିଶ୍ୱ

ରାଷ୍ଟ୍ରମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଭାରତ ସତତ ଚେଷ୍ଟିତ । ଜାତିସଂଘର ଶାନ୍ତି ରକ୍ଷା କାର୍ଯ୍ୟରେ ଭାରତର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ତେଣୁ ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟ ପାଇଁ ଭାରତର ଦାବି ଯଥାର୍ଥ ଅଟେ । ଏ ଦିଗରେ ଭାରତ ଅନ୍ୟ ରାଷ୍ଟ୍ରମାନଙ୍କ ସମର୍ଥନ ମଧ୍ୟ ଲାଭ କରିଛି । ଏ ଦିଗରେ ଶେଷ ନିଷ୍ପତ୍ତି ନେବାରେ ସମୟ ଲାଗିପାରେ କାରଣ ଏହା ଏକ ଜଟିଳ ପ୍ରଶ୍ନ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୬.୫

**୧। ନିମ୍ନୋକ୍ତ କେଉଁ ଦେଶ ନିରାପତ୍ତା ପରିଷଦ ର ସ୍ଥାୟୀ ସଭ୍ୟ ନୁହେଁ ?**

(କ) ଋଷିଆ

(ଖ) ଗ୍ରେଟ୍ ବ୍ରିଟେନ୍

(ଗ) ଭାରତ

(ଘ) ଚୀନ

**୨। ନିମ୍ନୋକ୍ତ କେଉଁ ବାକ୍ୟଟି ଭୁଲ୍ ଅଟେ ?**

(କ) ଶୀତଳ ଯୁଦ୍ଧର ଅନ୍ତ ଘଟିଛି ।

(ଖ) ସୋଭିଏତ୍ ସଂଘର ବିଭାଜନ ଘଟିଛି ।

(ଗ) ଜଗତୀକରଣ ଏକ ବାସ୍ତବତା ।

(ଘ) ଜାତିସଂଘକୁ ଭାଙ୍ଗି ଦିଆଯାଇଛି ।

## ତୁମେ କ'ଣ ଶିକ୍ଷା କଲ

ଭାରତର ବୈଦେଶିକ ନୀତି କେତୋଟି ମୂଳ ସିଦ୍ଧାନ୍ତ ଉପରେ ଆଧାରିତ ଯେଉଁଥିରୁ ବିଶେଷ ବିଚ୍ୟୁତି ଘଟିନାହିଁ । ବାସ୍ତବରେ ଗୋଷ୍ଠୀ ନିରପେକ୍ଷତା ଭଳି ଏହାର କେତୋଟି ବୈଶିଷ୍ଟ୍ୟ ଆଜି ପର୍ଯ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ପ୍ରାସଙ୍ଗିକ ହୋଇ ରହିଛି । ଭାରତ ଓ ଚୀନ ଦ୍ୱିପାକ୍ଷିକ ସଂପର୍କ କ୍ଷେତ୍ରରେ ପଚାଶ ବର୍ଷରୁ ଅଧିକ ପୁରୁଣା ପାଂଶୀଳ ନୀତିକୁ ଆଧାର କରିବାକୁ ଉଦ୍ୟମ କରୁଛନ୍ତି । ଏଥିରୁ ଭାରତର ବୈଦେଶିକ ନୀତିର ବହୁ ପୁରାତନ ବୈଶିଷ୍ଟ୍ୟ ର ଦୀର୍ଘ ସ୍ଥାୟୀତ୍ୱର ପ୍ରମାଣ ମିଳେ । ମିଳିତ ଜାତିସଂଘର ଶାନ୍ତି ଓ ବିକାଶ ଉଦ୍ୟମରେ ତଥା ଶାନ୍ତି ରକ୍ଷା କାର୍ଯ୍ୟରେ ଭାରତର ଅବଦାନ ଉଲ୍ଲେଖନୀୟ ଅଟେ । ଆଗାମୀ ଦିନମାନଙ୍କରେ ଭାରତ ଏକ ଅର୍ଥନୈତିକ ବୃହତ୍‌ଶକ୍ତିରେ ପରିଣତ ହେବାକୁ ଯାଉଛି । ଅତୀତରେ ଭାରତ ରାଜନୈତିକ, ସାମରିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ନିଜର ଜାତୀୟ ସ୍ୱାର୍ଥ ରକ୍ଷା କରିଛି ଏବଂ ଭବିଷ୍ୟତରେ ମଧ୍ୟ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବ ।

## ପାଠ୍ୟାନ୍ତ ଅଭ୍ୟାସ

୧। ଭାରତୀୟ ବୈଦେଶିକ ନୀତିର ମୌଳିକ ସିଦ୍ଧାନ୍ତ ଗୁଡ଼ିକ ଆଲୋଚନା କର ।

୨। ଗୋଷ୍ଠୀ ନିରପେକ୍ଷ ନୀତିର ପ୍ରାସଙ୍ଗିକତା ଆଲୋଚନା କର ।

୩। ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟପଦ ପାଇଁ ଭାରତର ଦାବି କେତେ ଦୂର ଯଥାର୍ଥ ?

୪। ଶୀତଳ ଯୁଦ୍ଧର ଅବସାନ ତଥା ସୋଭିଏତ୍ ସଂଘର ବିଭାଜନ ପରେ ଭାରତ ସମ୍ମୁଖୀନ ହେଉଥିବା ମୁଖ୍ୟ ଆହ୍ୱାନ ଗୁଡ଼ିକ କ'ଣ ?

୫। ସଂକ୍ଷିପ୍ତ ଟିପ୍ପଣୀ ଦିଅ :

(କ) ପ*ଶୀଳ ରାଜିନାମା

(ଖ) ନିରସ୍ତ୍ରୀକରଣ ଦିଗରେ ଜାତିସଂଘର ଉଦ୍ୟମରେ ଭାରତର ଅବଦାନ

(ଗ) ଜାତିସଂଘ ଶାନ୍ତି ରକ୍ଷା କାର୍ଯ୍ୟରେ ଭାରତର ଅଂଶଗ୍ରହଣ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୬.୧**

୧। (କ) ନେହରୁ

(ଖ) ବାନ୍‌ଡ଼ଙ୍ଗ୍

(ଗ) ବେଲ୍‌ଗ୍ରେଡ୍ ୧୯୬୧

(ଘ) ଭାରତ, ଚୀନ

(ଙ) ନୂଆ ଦିଲ୍ଲୀ

୨। (କ) ଭୁଲ୍

(ଖ) ଠିକ୍

(ଗ) ଠିକ୍

**୨୬.୨**

୧। (କ) ଭୁଲ୍

(ଖ) ଠିକ୍

(ଗ) ଭୁଲ୍

(ଘ) ଠିକ୍

**୨୬.୩**

୧। (କ) ଏକ ଆଣବିକ ଅସ୍ତ୍ର ମୁକ୍ତ ପୃଥିବୀ

୨। (କ) Comprehensive Test Ban Treaty (ସି.ଟି.ବି.ଟି.)

(ଖ) Nuclear Non - Proliferation Treaty (ଆଣବିକ ଅନଗ୍ରସରତା ଚୁକ୍ତି)

**୨୬.୪**

୧। (ଖ)

Notes

(ଗ)

(ଗ)

**୨୬.୫**

୧। (ଗ)

୨। (ଘ)

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ଭାଗ ୨୬.୧ ଦେଖ

୨। ଭାଗ ୨୬.୧.୨ ଦେଖ

୩। ଭାଗ ୨୬.୪ ଦେଖ

୪। ଭାଗ ୨୬.୨ ଦେଖ

୫। (କ) ଭାଗ ୨୬.୧.୧ ଦେଖ

(ଖ) ଭାଗ ୨୬.୩.୧ ଦେଖ

(ଗ) ଭାଗ ୨୬.୩.୨ ଦେଖ ।